

**ଅମଳ :** ଗଛ ଲଗାଇବାର ୯-୧୦ ମାସଠାରୁ ଆରମ୍ଭ କରି ତିନି ବର୍ଷ ପର୍ଯ୍ୟନ୍ତ ହେକ୍ଟର ପିଛା ବର୍ଷକୁ ୬୦ ଟନ୍ ଅମଳ ମିଳିଥାଏ। ସାଧାରଣତଃ ଫଳଗୁଡିକ ଈଷତ୍ ହଳଦିଆ କିମ୍ବା ସବୁଜ ଅବସ୍ଥାରେ ତୋଳାଯାଇ ବଜାରକୁ ପଠାଯାଇଥାଏ। ଚାରା ଲଗାଇବାର ୫-୬ ମାସ ପର୍ଯ୍ୟନ୍ତ କାକୁଡି, ମୂଳା, ପିଆଜ, ରସୁଣ, ଗେଣ୍ଡୁ ଆଦି ଅନ୍ତଃ ଫସଲ କରାଯାଇ ପାରିବ। ଅମୃତଭଣ୍ଡାରୁ ପ୍ରଥମ ଚାରିବର୍ଷ ଭଲ ଅମଳ ମିଳିଥାଏ। ଏଣୁଗଛକୁ ଚାରି ବର୍ଷ ପରେ ନଷ୍ଟ କରି ନୂଆ ଫସଲ ଲଗାଯିବା ଉଚିତ୍। ଅମୃତଭଣ୍ଡାରୁ ପେପିନ୍ ବାହାର କରାଯାଇ ଏକ ହେକ୍ଟର ଜମିରୁ ପ୍ରାୟ ୨୦୦ କିଲୋ ପର୍ଯ୍ୟନ୍ତ ପେପିନ୍ ମିଳିଥାଏ। ଏକ କିଲୋ ପେପିନ୍‌ର ମୂଲ୍ୟ ୧୦୦ ଟଙ୍କା ହେଲେ ଏକର ପିଛା ୨୦,୦୦୦ ଟଙ୍କା ଲାଭ ମିଳିଥାଏ।

## ହେକ୍ଟର ପିଛା ଚାଷ ଜନିତ ଖର୍ଚ୍ଚ ଏବଂ ଆୟ :


| ଡାଇଓସିୟମ କିସମ : | ପ୍ରଥମ ବର୍ଷ | ଦ୍ୱିତୀୟ ବର୍ଷ | ତୃତୀୟ ବର୍ଷ |
|---|---|---|---|
| ଚାଷ ଜନିତ ଖର୍ଚ୍ଚ (ଟ.) | ୧,୩୪,୩୦୦ | ୬୯, ୬୦୦ | ୭୦, ୭୦୦ |
| ଆୟ (ଟ.) | ୨,୦୨,୫୦୦ | ୨,୩୩,୦୦୦ | ୨,୦୨,୨୦୦ |
| ଲାଭ (ଟ.) | ୬୮,୨୦୦ | ୧,୬୩,୪୦୦ | ୧,୩୧,୫୦୦ |
| **ସଙ୍କର କିସମ :** | **ପ୍ରଥମ ବର୍ଷ** | **ଦ୍ୱିତୀୟ ବର୍ଷ** | **ତୃତୀୟ ବର୍ଷ** |
| ଚାଷ ଜନିତ ଖର୍ଚ୍ଚ (ଟ.) | ୧,୫୦,୭୦୦ | ୭୬,୮୦୦ | ୭୪, ୪୦୦ |
| ଆୟ (ଟ.) | ୨,୦୩,୫୦୦ | ୨,୬୬,୦୦୦ | ୨,୦୨,୫୦୦ |
| ଲାଭ (ଟ.) | ୫୨,୮୦୦ | ୧,୮୯,୨୦୦ | ୧,୨୮,୧୦୦ |

## ଅମୃତଭଣ୍ଡା ଚାଷରେ ବିଶେଷ ସତର୍କତା :

- ବିଶ୍ୱସ୍ତ ସୂତ୍ରରୁ ମଞ୍ଜି କିଣି ଚାରା ପ୍ରସ୍ତୁତ କରିବା ନଚେତ୍ ପଞ୍ଜୀକୃତ ଫାର୍ମରୁ ଚାରା କିଣନ୍ତୁ।
- ଉତ୍ତମ ପରାଗସଙ୍ଗମ ପାଇଁ ୯ଟି ମାଈ ଗଛ ଓ ଗୋଟିଏ ଅଣ୍ଡିରା ଗଛ (୯:୧) ରଖନ୍ତୁ ଓ ମହୁ ବାକ୍ସ ସ୍ଥାପନ କରନ୍ତୁ।
- ଉତ୍ତମ ଜଳସେଚନ ସହିତ ଅତ୍ୟଧିକ ପାଣିର ନିଷ୍କାସନ ବ୍ୟବସ୍ଥା କରନ୍ତୁ।
- ପ୍ରତି ୧୦ ଧାଡି ଗଛ ପରେ ଗେଣ୍ଡୁ କିମ୍ବା ଜଡା ଗଛ ଲଗାନ୍ତୁ। ଏପରିକି ମନ୍ଦା ଚାରିପଟେ କେଳିକୁସୁମ ଲଗାଇବା ଉଚିତ୍।
- ଖରାଦିନେ ଚାରାଗୁଡିକୁ ପଲିଥିନ୍ ଆଚ୍ଛାଦନ କରନ୍ତୁ।
- ସଘନ ପ୍ରଣାଳୀରେ ଚାଷ କରୁଥିଲେ ଗଛର ଖାଦ୍ୟସାର, ପରିପୂର୍ଣ୍ଣ ଖାଦ୍ୟସାର ଓ ପୂରକ ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ।
- ଶିଶୁ ଚାରା ଗଛଗୁଡିକୁ ପବନରୁ ରକ୍ଷା ପାଇଁ ବତା ସହିତ ସୁତୁଲି ଦୁଇ ପାର୍ଶ୍ୱରେ ବାନ୍ଧି ଦିଅନ୍ତୁ।
- ଅତ୍ୟାଧିକ ଉତ୍ତାପ ପ୍ରଭାବ ହେଲେ ଫୁଲ କଷି ଧରିବା ବାଧାପ୍ରାପ୍ତ ହୋଇ ଭୂତାଣୁ ବାପି ଥାଏ। ଏଣୁ ବାୟୁନିରୋଧକ ସବୁଜ ବାଡ ସ୍ଥାପନ କରନ୍ତୁ।

**କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା**

# ବ୍ୟବସାୟଭିତ୍ତିକ ଅମୃତଭଣ୍ଡା ଚାଷ




**ଶ୍ରୀ ଜୟନ୍ତ ପତି**
କାର୍ଯ୍ୟକ୍ରମ ସଂଯୋଜକ
**ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ**
ବିଷୟବସ୍ତୁ ବିଶେଷଜ୍ଞା (ଗୃହ ବିଜ୍ଞାନ)
**ଶ୍ରୀ ସଂଜୟ କୁମାର ପ୍ରଧାନ**
ବିଷୟବସ୍ତୁ ବିଶେଷଜ୍ଞ (ଉଦ୍ୟାନ କୃଷି)


ଅମୃତଭଣ୍ଡା ଅଧିକ ଅମଳକ୍ଷମ ତଥା ଅର୍ଥକାରୀ ଫସଲ ଯାହାକି ୬-୮ ମାସ ମଧ୍ୟରେ ଅମଳକ୍ଷମ ହୋଇଥାଏ। ଅମୃତଭଣ୍ଡାରେ ଅନେକ ଗୁଡିଏ ଜୀବନିକା ତଥା ଖାଦ୍ୟ ଗୁଣ ଥିବାରୁ ଏହା ବିଭିନ୍ନ ପ୍ରକାର ଔଷଧୀୟ ଖାଦ୍ୟ ତଥା ଖାଦ୍ୟଶିଳ୍ପରେ ବ୍ୟବହୃତ ହୋଇଥାଏ। କିନ୍ତୁ ଏହାର ବୈଷୟିକ ଜ୍ଞାନ କୌଶଳର ଅଭାବ ହେତୁ ଆଶାନୁରୂପକ ଅମଳ ହୋଇନଥାଏ। ଏଣୁ ଏହାର ଉନ୍ନତ ଜ୍ଞାନ କୌଶଳ ନିମ୍ନରେ ପ୍ରଦତ୍ତ।

## ମୃତ୍ତିକା ଓ ଜଳବାୟୁ :



ଉଷ୍ଣ ଓ ଆର୍ଦ୍ର ଜଳବାୟୁ ସହିତ ନିଗିଡା ଉର୍ବରଯୁକ୍ତ ମାଟି ଏହି ଚାଷ ପାଇଁ ବିଶେଷ ଉପଯୋଗୀ କିନ୍ତୁ ଅଧିକ ବର୍ଷା ହେଉଥିବା କିମ୍ବା ଜଳ ନିଷ୍କାସନରେ ବ୍ୟବସ୍ଥା ନଥିଲେ ଏହି ଚାଷ ବାଧାପ୍ରାପ୍ତ ହୋଇଥାଏ। ଏଣୁ ହୁଡା ବା ମନ୍ଦା ବ୍ୟବସ୍ଥା କରି ଚାଷ କରିବା ବିଶେଷ ଫଳପ୍ରଦ ହୋଇଥାଏ। ବିଶେଷ କରି ବାଲିଆ ଦୋରସା, ଜୈବିକ ପଦାର୍ଥ ଉତ୍କୃଷ୍ଟ ପଟୁମାଟି ଏହି ଚାଷ ପାଇଁ ବିଶେଷ ଉପଯୋଗୀ।

**କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା**

**କିସମ :** ଅମୃତଭଣ୍ଡାର ସାଧାରଣତଃ ଦୁଇ ଗୋଟି ପ୍ରଜାତି ରହିଛି ।

୧. **ସୁଧ ଦ୍ୱିଲିଙ୍ଗି (ଡାଇଓସିୟସ) :** ଏହି ପ୍ରଜାତି ଗୁଡିକରେ ବିଶୁଦ୍ଧ ଅଣ୍ଡିରା ଓ ମାଈ ଗଛ ବାହାରେ । ଓ୍ୱାସିଂଟନ୍, ପୁଷା ଡ୍ୱାର୍ଫ, ପୁଷା ନହ୍ନା, ପୁଷା ଜାଏଣ୍ଟ ଏବଂ ପନ୍ତ- ୨ ଆଦି କସମ ଏହାର ଅନ୍ତର୍ଭୁକ୍ତ ।

୨. **ଉଭୟ ଲିଙ୍ଗି (ଗାଇନୋଡାଇଓସିୟସ):** ଏହି ପ୍ରକାର ପ୍ରଜାତିରେ ସଂପୁର୍ଣ୍ଣ ଅଣ୍ଡିରା ଗଛ ହୁଏ ନାହିଁ, ହନିଡ୍ୟୁ, କୁର୍ଗ ହନିଡ୍ୟୁ, କୋଇମ୍ବାଟୁର, ସୂର୍ଯ୍ୟ, ଶୋଲୋ, ସିଓ-୩, ସିଓ-୭, ପୁଷା ଡେଲିସିୟସ୍ ଏବଂ ପୁଷା ମାର୍ଜେଷ୍ଟି ଆଦି କିସମ ଏହାର ଅନ୍ତର୍ଭୁକ୍ତ ।

**ଚାରା ପ୍ରସ୍ତୁତି :** ଏକ ହେକ୍ଟର ଜମି ପାଇଁ ୨୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ । ଏଣୁ ୧୦ ଫୁଟ ଲମ୍ବ, ୩ ଫୁଟ ପ୍ରସ୍ଥ, ୬ ଇଞ୍ଚ ଉଚ୍ଚତା ତଳିଘେରା ପ୍ରସ୍ତୁତ କରି ୯ ଇଞ୍ଚ ବ୍ୟବଧାନରେ ୦.୫ ଇଞ୍ଚ ଗଭୀରରେ ଧାଡିରେ ବିଶୋଧିତ କରି ବୁଣା ଯାଇଥାଏ । ଏପରିକି ବର୍ଷାଦିନେ ତଳିଘେରାରେ ଚାରା ପ୍ରସ୍ତୁତି ନକରି ପଲିଥିନ୍ ମୁଣାରେ ଲଗାଇ ଚାରା ପ୍ରସ୍ତୁତ କରାଯାଏ । ଗଛର ଉଚ୍ଚତା ୧୫/ ୨୦ ସେ.ମି ଅଥବା ୭/୮ ପତ୍ର ହେଲେ ଏହାକୁ ମୁଖ୍ୟ ଜମିରେ ଲଗାଯାଇଥାଏ ।



**ଚାରା ଲଗାଇବା ସମୟ :** ଜୁନ୍-ଜୁଲାଇ, ସେପ୍ଟେମ୍ବର-ଅକ୍ଟୋବର ଓ ଫେବୃଆରୀ-ମାର୍ଚ୍ଚ ।

**ଜମି ପ୍ରସ୍ତୁତି :** ଜମିକୁ ଭଲ ଭାବେ ଗୁଣ୍ଡ ଚଷ କରି ସମତୁଲ କରିବା ସହିତ ଧାଡିକୁ ଧାଡି ୧.୮ ମିଟର ଓ ଗଛକୁ ଗଛ ୧.୫ ମିଟର ବ୍ୟବଧାନରେ ୦.୫×୦.୫×୦.୫ ଫୁଟ ଗାଡ଼ କରି ମାଟିକୁ ବିଶୋଧନ କରିବା ସହିତ ଉପର ମାଟି ଓ ଖତ ୩:୧ ସମେତ ୟୁରିଆ ୧୫୦ ଗ୍ରାମ୍ ଓ ସୁପର ୩୫୦ ଗ୍ରାମ୍ ମିଶ୍ରଣ କରି ଗାଡ଼ ପୁରଣ କରନ୍ତୁ । ବର୍ଷା ଅଗମନ ପୂର୍ବରୁ ଉପର ସ୍ତରର ମାଟିକୁ ତଳେ ଭରିଦେଇ ଉପର ସ୍ତରର ତଳୁ ବାହାର କରି ଅନ୍ୟ ପକ୍ଷେ ରଖିଥିବା ମାଟିରେ ୨-୩ ଝୁଡି ସଢ଼ା ଗୋବର ଖତ ମିଶାଇ ଗାଡ଼ ଗୁଡିକୁ ଭରି ଦିଅନ୍ତୁ । ଚାରାଗୁଡିକୁ ଯତ୍ନ ସହକାରେ ବାହାର କରି ଗାଡ଼ର ମଧ ଭାଗରେ ଦ୍ୱିଲିଙ୍ଗି କିସମଗୁଡିକୁ ଗାଡ଼ ପ୍ରତି ଦୁଇ ଗୋଟି ଓ ଉଭୟ ଲିଙ୍ଗି କିସମଗୁଡିକୁ ଗାଡ଼ ପ୍ରତି ଗୋଟିଏ ଗଛ ଲଗାନ୍ତୁ ।

**ଜଳସେଚନ :** ଚାରା ଗଛଗୁଡିକ ୨-୩ ଦିନ ପର୍ଯ୍ୟନ୍ତ ହାଲୁକା ଜଳସିଞ୍ଚନ କରିବା ସହିତ ଶୀତ ଓ ଖରାଦିନରେ ମାଟିର ବତର ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରି ୭-୧୦ ଦିନ ଅନ୍ତରରେ ପାଣି ମଡାଯାଇଥାଏ । ଆଜି କାଲି ବୁନ୍ଦା ଜଳସେଚନ ତଥା



ପୁଷ୍ଟିସେଚନ ମାଧ୍ୟମରେ ନିରବଚ୍ଛିନ୍ନ ଭାବେ ଜଳସେଚନ କରାଯାଇ ଉଭୟ ଶ୍ରମ ଜଳ ତଥା ଖାଦ୍ୟସାର ସଠିକ୍ ଉପାୟରେ ବ୍ୟବହାର କରାଯାଇପାରୁଛି । ଫଳସ୍ୱରୂପ ଅମୃତଭଣ୍ଡାରେ ଦେଖାଯାଉଥିବା ମୂଳସଢ଼ା ଓ ଅନାବନା ଘାସର ସଫଳ ନିୟନ୍ତ୍ରଣ କରାଯାଇ ଗୁଣାତ୍ମକ ଅମଳ ବଢ଼ାଯାଇପାରିବ ।

**ଖତ ଓ ସାର :** ଅମୃତଭଣ୍ଡା ଗଛରେ ବର୍ଷ ତମାମ ଫୁଲ ଓ ଫଳ ଲାଗି ରହୁଥିବାରୁ ଏହା ନିୟମିତ ଖତ ଓ ସାରର ଆବଶ୍ୟକତା ରହିଥାଏ । ଏଣୁ ଗଛ ପ୍ରତି ୨୫୦ ଗ୍ରାମ୍ ଯବକ୍ଷାରଜାନ, ୫୦୦ ଗ୍ରାମ୍ ଫସ୍‌ଫରସ୍ ଓ ୫୦୦ ଗ୍ରାମ୍ ପଟାସ୍ ସାରକୁ ସମାନ ୬ ଭାଗରେ ବାଣ୍ଟି ଖତ ସହିତ ମିଶାଇ ପ୍ରତି ଦୁଇ ମାସ ଅନ୍ତରରେ ଦେବା ଉଚିତ୍ । ଏହା ବ୍ୟତୀତ ଗଛର ଗୁଣାତ୍ମକ ଅଭିବୃଦ୍ଧି ଓ ଉତ୍ପାଦନ ପାଇଁ ପରିପୂର୍ଣ୍ଣ ଖତ ଓ ସାର ସହିତ ମିଶ୍ରିତ ଅଣୁସାର ଦେବା ଉଚିତ୍ ।



## ରୋଗ ଓ ପୋକ :

| ରୋଗପୋକ | ଲକ୍ଷଣ | ପ୍ରତିକାର |
|---|---|---|
| ମୂଳ ଓ ଗଣ୍ଡି ପଚା ରୋଗ | ମାଟିର ଉପର ଭାଗରେ ଥିବା ଗଣ୍ଡିରେ ପାଣିଖିଆ ଦାଗ ଦେଖାଯାଏ । ଅଗ ପତ୍ର ହଳଦିଆ ହେବା ସହିତ ଫଳ ଲୋଚାକୋଚା ହୋଇଯାଏ । କାଣ୍ଡ ଫାଟି ଛେଲି ବାହାରିଯାଏ । | ଜଳ ନିଷ୍କାସନ ସହିତ ରିଡୋମିଲ ବା କାଲକିସନ୍ (୦.୧%) ସିଞ୍ଚନ କରିବା ସହିତ ଗଛର ମୂଳରୁ ଗଣ୍ଡି ତଥା ମାଟିକୁ ତୁତିଆ ମିଶ୍ରଣରେ ସିଞ୍ଚନ କରନ୍ତୁ । |
| ତଳି ପଚା ରୋଗ | ତଳି ପଚିବା ସହିତ ବର୍ଷାଦିନେ ପାଦୁର୍ଭାବ ଅଧିକ ରହେ । | ଜଳ ନିଷ୍କାସନ ସହିତ ମଞ୍ଜିକୁ ଭିଟାଭାକ୍ସ ପାଓ୍ୱାର ବିଶୋଧନ କରି ତଳିଘେରାରେ ବୁଣିବା ସହିତ ତଳିଘେରାକୁ(୨.୦%) ଫରମାଲଡିହାଇଡ୍‌ରେ ବିଶୋଧନ କରନ୍ତୁ । |
| ପାଉଁଶିଆ ରୋଗ | ପତ୍ରରେ ଉଭୟ ପାର୍ଶ୍ୱରେ ଧଳା ପାଉଁଶିଆ ଆସ୍ତରଣ ହେବା ସହିତ ଫଳ ଉପରେ ଧଳା ଦାଗ ଦେଖାଯାଏ । ପତ୍ରଗୁଡିକ ଝଡିପଡେ । | ସଲଫେକ୍ସ (୦.୨%) କିମ୍ବା ବେଭିଷ୍ଟିନ୍ (୦.୧%) ପ୍ରୟୋଗ କରନ୍ତୁ । |
| ମୋଜାଇକ୍ ରୋଗ | ପତ୍ରଗୁଡିକ ମୋଡି ହୋଇଯାଏ । ହଳିଦିଆ ପଡି ଛାଟ ଛୋଟ ହୁଏ । ପତ୍ରର ଶିରା, ଗଣ୍ଡି ଓ ପତ୍ର ଡେମ୍ଫରେ ଲମ୍ବାଳିଆ ପାଣି ଦାଗ ଦେଖାଯାଏ । | ରୋଗିଣା ଗଛକୁ କାଟି ପୋତି ବା ପୋଡି ଦିଅନ୍ତୁ । ସହଣି କିସମ ଲଗାଇବା ସହିତ ଥାଇଓମେଥାକ୍ସଜାମ୍ (୦.୧%) ସିଞ୍ଚନ କରନ୍ତୁ । |
| ଆନ୍ଥ୍ରାକୋନ୍‌ଜ ରୋଗ | ବାଦାମି ରଙ୍ଗର ଗୋଲାକାର ଦାଗ ଫଳ ଓ ପତ୍ରରେ ଦେଖାଯାଏ । ଦାଗର ଧାରରେ ଫିମ୍ପି ମାଡିଯାଏ । ଫଳ ମୋଚାକୋଚା ହୋଇଯାଏ ଓ ଡେମ୍ଫରେ ଗାଢ଼ ଦାଗ ଦେଖାଯାଏ । | ବେଭିଷ୍ଟିନ୍ (୦.୧%) କିମ୍ବା ଡିଥେନ୍-ଏମ୍ ୪୫(୦.୨%) ପ୍ରୟୋଗ କରନ୍ତୁ । |
| ପତ୍ରମୋଚା : | ପତ୍ର ଛୋଟ ଓ ମୋଡି ହେବା ସହିତ ଡେମ୍ଫ ମଧ ମୋଡି ହୋଇଯାଏ । | ଧଳାମାଛି ଏହାର ବାହାକ ହୋଇଥିବାରୁ ହଳଦିଆ ଅଠାଳିଆ ଯନ୍ତା ଓ ଲିମ୍ବ ତେଲ ୧୫୦୦ ପିପିଏମ୍ (୦.୫%) ପ୍ରୟୋଗ କରନ୍ତୁ । ଜମି ଆଖପାଖରେ ଧୂଆଁପତ୍ର ଟମାଟୋ ଓ ଲତାଜାତୀୟ ଫସଲ କରନ୍ତୁ ନାହିଁ । |
| ଦହିଆ ପୋକ | ଫଳ ଗୁଡିକରେ ମେଞ୍ଚା ମେଞ୍ଚା ସୋରିଷ ଦାଗ ପରି ଦେଖା ହେବା ସହିତ ପତ୍ର ଗୁଡିକ ହଳଦିଆ ପଡିଯାଏ । | ପ୍ରୋପେନ୍‌ଫସ ଲିଟର ପ୍ରତି ୨ମି.ଲି ପ୍ରୟୋଗ କରିବା ସହିତ ଜୈବ ଉପଚାର କରିବା ଉଚିତ୍ । |
| ସୂତ୍ରଜୀବ | ଚେର ଗୁଚ୍ଛ ହେବା ସହିତ ଖାଦ୍ୟ ଅଧିଗ୍ରହଣ ବାଧାପ୍ରାପ୍ତ ହୋଇ ଗଛ ଝାଉଁଳି ଥାଏ । | ମଞ୍ଜି ଓ ମୃତ୍ତିକା ବିଶୋଧନ ସହିତ କରଞ୍ଜ ଓ ଲିମ୍ବ ପିଡିଆ ପ୍ରୟୋଗ ତଥା ଜଳ ନିଷ୍କାସନ ଜରୁରୀ । |